# ମୁଁ ବିକ୍ରି ପାଇଁ ନୁହେଁ

**ଆମ ଘରର ହାଲଚାଲ**

**ସୌମ୍ୟରଂଜନ ପଟ୍ଟନାୟକ**

ଆଜି ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଜଣେ କେହି ଗୁଳି କରି ହତ୍ୟା କରିଥିଲେ। ମୁଁ ଜାଣିଶୁଣି ସେହି ହତ୍ୟାକାରୀଙ୍କର ନାମ ଉଲ୍ଲେଖ କରୁନାହିଁ। କାରଣ ତାଙ୍କର ବିଚାର ଓ ସ୍ୱାଧୀନ ମତପୋଷଣ କରିବାର ଅଧିକାର ପ୍ରତି ମୋର ସମ୍ମାନ ଅଛି; କିନ୍ତୁ ସମର୍ଥନ ନାହିଁ। ତେଣୁ ତାଙ୍କୁ ଅଯଥା ବ୍ୟକ୍ତିଗତ ବିବାଦ ଭିତରକୁ ଟାଣିବାକୁ ଚାହୁଁନାହିଁ। କିନ୍ତୁ ଯେଉଁ ବିଚାରକୁ ସମର୍ଥନ କରି ଆମେ ମହାତ୍ମା ଗାନ୍ଧୀଙ୍କୁ ଜାତିର ପିତା ରୂପେ ସମ୍ମାନ ଦେଇ ଆସିଛୁ, ସେ ବିଚାର ସଂପର୍କରେ ଆଜି ଅଧିକ ଆଧୁନିକ ଢଙ୍ଗରେ ଆଲୋଚନା କରିବାର ଅବକାଶ ଅଛି ବୋଲି ମୁଁ ମନେକରୁଛି।

ଏ ପ୍ରସଙ୍ଗରେ ଏକ ହିନ୍ଦୀ ସିନେମାର ଶେଷ ସଂଳାପ ମନେପଡୁଛି- ''ମତେ ମାରିଦେଇପାର, ମାତ୍ର ମୋର ବିଚାରକୁ ନୁହେଁ।'' ବିଚାର କେବେ ମରେନାହିଁ। ମରିଗଲା ପରି ମନେହେଉଥିଲେ ହେଁ ପୁଣି ନୂଆ ରୂପରେ, ନୂଆ ଢଙ୍ଗରେ ଜନ୍ମ ନିଏ। କିନ୍ତୁ ଗାନ୍ଧୀ ବିଚାର କଥା ଚିନ୍ତା କଲାବେଳେ ମନେହେଉଛି, ସତେଯେପରି ବିଚାର ଲଢ଼େଇରେ ଆମେ ଟିକେ ପଛେଇ ଯାଇଛେ। ସେଇଥିପାଇଁ ବୋଧହୁଏ କେହି କେହି ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ କଥା କହିଲେଣି। ତେବେ ଏ ଗାନ୍ଧୀ ବିଚାର କ'ଣ? କାହିଁକି ଆମେ ବିଚାର ଲଢ଼େଇରେ ପଛେଇ ଯାଇଛେ?

ବିଚାର ପାଇଁ ମନ ଦରକାର। ମନରେ ହିଁ ବିଚାର ଜନ୍ମ ନିଏ ଏବଂ ବଞ୍ଚି ରହେ; ଦେହରେ ନୁହେଁ। ମନ ଏଥିପାଇଁ ପ୍ରସ୍ତୁତ ନହେଲେ ବିଚାର ବଞ୍ଚିବା ସମ୍ଭବ ହେବନାହିଁ । ଏବେ କିନ୍ତୁ ମନ ଏଥିପାଇଁ ପ୍ରସ୍ତୁତ ଥିବାପରି ମନେ ହେଉନାହିଁ। ଯେଉଁ ମନ ମାନେ ସବୁଦୃଷ୍ଟିରୁ ବିଚାରକୁ ଆଗେଇ ନେବାପାଇଁ ଯୋଗ୍ୟ ବୋଲି ମନେ ହେଉଛନ୍ତି, ସେଇମାନେ ହିଁ ମନ ଛାଡ଼ି ଦେହ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

ଦେହ ନିଆଁ ଓ ମନ ନିଆଁ ଭିତରେ ପ୍ରଭେଦ ଅଛି। ଦେହ ନିଆଁ କ୍ଷଣିକ। ତାହା ଅଳ୍ପ ସମୟରେ ଲିଭିଯାଏ; ଆଉଥରେ ନିଆଁ ଲଗାଇବା ପାଇଁ ଉପାଦାନ ଓ ବାହାନା ଲୋଡ଼ାପଡ଼େ। ମନ ନିଆଁ କିନ୍ତୁ ଥରେ ଲାଗିଲେ ଆଉ ଲିଭେ ନାହିଁ।

ଗାନ୍ଧୀ ଭାରତୀୟମାନଙ୍କ ମନରେ ଏପରି ନିଆଁ ଲଗାଇଥିଲେ ଯେ ତାହା ଏବେ ମଧ୍ୟ ପୂରାପୂରି ଲିଭିନାହିଁ। ତାକୁ ଲିଭେଇବାକୁ ଯେତେ ଚେଷ୍ଟା କଲେ ବି କେହି ସଫଳ ହେବେନାହିଁ। କିନ୍ତୁ ଆମମାନଙ୍କ ମନରେ ସେ କେଉଁ ନିଆଁ ଲଗାଇ ଥିଲେ? ସେ ସତ୍ୟାଗ୍ରହର କଥା କହୁଥିଲେ। ସାହସ ଦେଉଥିଲେ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଲଢ଼ିବାପାଇଁ। ମଣିଷ ସ୍ୱାବଲମ୍ବୀ ନହେଲେ ସ୍ୱାଭିମାନ ନିରର୍ଥକ। ପରିଶ୍ରମ କାତର ନହୋଇ ନିଜ କାମ ନିଜେ କରି ଶ୍ରମକୁ ସମ୍ମାନ ଦେବା ଗାନ୍ଧିଜୀଙ୍କର ମୂଳ ମନ୍ତ୍ର ଥିଲା। ମୌଳିକ ଶିକ୍ଷା କଥା କହି ଗାନ୍ଧିଜୀ ଆତ୍ମସମ୍ମାନ ଓ ଶ୍ରମକୁ ସମ୍ମାନ ଦେବା କଥା ବୁଝାଇ ଦେଇଥିଲେ। ସର୍ବୋଦୟ ଥିଲା ତାଙ୍କର ଅନ୍ତିମ ଲକ୍ଷ୍ୟ। ସେ ଯେ ଅନେକ କିଛି ନୂଆକଥା କହୁଥିଲେ, ତାହା ନୁହେଁ। ପୁରୁଣା କଥାକୁ ନୂଆ ଢଙ୍ଗରେ କହି ସେ ସାରା ଭାରତକୁ ଯୋଡ଼ି ଦେଇଥିଲେ।

ଆଜି ତାଙ୍କ ମହାପ୍ରୟାଣ ଦିବସରେ, ଗାନ୍ଧୀ ବିଚାରକୁ ପୁଣିଥରେ ନୂଆ ଢଙ୍ଗରେ, ନୂଆ ପିଢ଼ି ନିକଟରେ ପହଞ୍ଚାଇବାର ଆବଶ୍ୟକତା ଅଛି। ନୂଆ ପିଢ଼ି ଦେହ ନିଆଁ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି; ମନ ନିଆଁ କଥା ଚିନ୍ତା କରୁନାହାନ୍ତି। ଆମ ବିଚାରରେ ଯେଉଁ କଥାଗୁଡ଼ିକ ଆଜି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତାହା ହେଲା, ଶ୍ରମକାତରତା ଓ ମୌଳିକ ଶିକ୍ଷା ପ୍ରତି ଉଦାସୀନତା। ଆଧୁନିକ ଗଣତନ୍ତ୍ରର ସଂଖ୍ୟାଖେଳରେ ଭୋଟ୍‌ସର୍ବସ୍ୱ ରାଜନୀତି ସବୁ ଦଳଙ୍କୁ ଏପରି ପ୍ରଭାବିତ କରିଛି ଯେ କେହି ଏ ପ୍ରସଙ୍ଗଗୁଡ଼ିକ ଉପରେ ଅନାସକ୍ତ ଆଲୋଚନା କରିବାକୁ ପ୍ରସ୍ତୁତ ନୁହନ୍ତି। ବିନା ପରିଶ୍ରମରେ ଯଦି ଦେହ ପାଇଁ ଆବଶ୍ୟକ ପଡୁଥିବା ସବୁ ଉପାଦାନ ମିଳିଯାଉଛି, ତା'ହେଲେ କିଏ କାମ କରିବାକୁ ଚାହିଁବ ବା କାହିଁକି? ଜନମଙ୍ଗଳ ରାଷ୍ଟ୍ରମାନେ ଅନ୍ତୁଡ଼ିଶାଳରୁ ଶ୍ମଶାନଘାଟ ଯାଏ ସବୁ ଦାୟିତ୍ୱ ନେବାପାଇଁ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଦଳଗୁଡ଼ିକ ମଧ୍ୟରେ ଏଥିପାଇଁ ଏକରକମ ପ୍ରତିଯୋଗିତା ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦାରିଦ୍ର୍ୟ ନିଶ୍ଚୟ ଏକ ଅଭିଶାପ। ଏହାକୁ ଦୂର କରିବାପାଇଁ ଯେକୌଣସି ଯୋଜନା ସର୍ବାଦୌ ବାଞ୍ଛନୀୟ। ତେବେ ଦାରିଦ୍ର୍ୟ ଦୂରୀକରଣ ନାଆଁରେ କର୍ମ ସଂସ୍କୃତିକୁ ନଷ୍ଟ କରିବା ଏବଂ ସାମାଜିକ ବ୍ୟବସ୍ଥାକୁ ଓଲଟପାଲଟ କରିଦେବା ଆଦୌ ଦୂରଦୃଷ୍ଟି ସଂପନ୍ନ କାର୍ଯ୍ୟ ନୁହେଁ।

ବିନା ପରିଶ୍ରମରେ ଅର୍ଥଲାଭ ପରି, ବିନା ପରୀକ୍ଷାରେ ପାସ୍ ଆମ ଶିକ୍ଷାବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଲାଣି। ସଂଖ୍ୟାଧିକ ପରିଶ୍ରମକାତର ଲୋକ ଅଶିକ୍ଷିତ ହୋଇ ରହିଲେ ଗଣତନ୍ତ୍ରର ଲଢ଼େଇରେ ଭୋଟ୍ କିଣି ଜିତିବା ଓ କ୍ଷମତା ଦଖଲ କରିବା ଅଧିକ ସହଜ ମନେହେଉଛି। ଏହାକୁ ବିରୋଧ କରିବାକୁ କେହି ସାହସ କରୁନାହାନ୍ତି। ଗାନ୍ଧିଜୀଙ୍କର ମୌଳିକ ଶିକ୍ଷାକୁ ପଚାରେ କିଏ?

ବଜାର ବ୍ୟବସ୍ଥାରେ ସବୁକିଛି କିଣାବିକା ହୁଏ। ଏଥିପାଇଁ କେବଳ ଲୋଡ଼ା ଯଥେଷ୍ଟ ଅର୍ଥ। ଏହି ଅର୍ଥସର୍ବସ୍ୱ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟ୍ ଆଉ ଜିଣା ଯାଉନାହିଁ; କିଣା ଯାଉଛି। ଯେତେଦିନ ପର୍ଯ୍ୟନ୍ତ ବିକ୍ରି ହେବାପାଇଁ ଆମର ନୂଆପିଢ଼ି ପ୍ରସ୍ତୁତ ହୋଇ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ତାଙ୍କୁ କିଣିବା ପାଇଁ ଅଧର୍ମ ବିତ୍ତର ଉପାସକ ସାଆନ୍ତମାନଙ୍କର ଅଭାବ ରହିବ ନାହିଁ। ଆମ ବିଚାରରେ ଗାନ୍ଧିଜୀଙ୍କ ବିଚାରକୁ ମର୍ଯ୍ୟାଦା ଦେବାକୁ ହେଲେ, ''ଆମେ ବିକ୍ରିପାଇଁ ପ୍ରସ୍ତୁତ ନୋହୁଁ'' ବୋଲି କହିବୁଲିବାକୁ ପଡ଼ିବ। କେବଳ କହିବୁଲିଲେ ହେବନାହିଁ; ଆଚରଣ ଓ ଉଚ୍ଚାରଣ ମଧ୍ୟରେ ଗାନ୍ଧିଜୀ ଯେପରି କୌଣସି ପ୍ରଭେଦ ରଖୁନଥିଲେ, ଆମକୁ ମଧ୍ୟ ତାହାହିଁ କରିବାକୁ ପଡ଼ିବ। ଜାତୀୟ ରାଜପଥରେ ଗଲାବେଳେ ଏବେ ଅନେକ ଜାଗାରେ କିଛି ସାଇନବୋର୍ଡ ଦେଖିବାକୁ ମିଳୁଛି- ''ଏ ଜାଗା ବିକ୍ରିପାଇଁ ନୁହେଁ।'' ସେହିପରି ଆମ ଓଡ଼ିଶାର ଯୁବପିଢ଼ି ଯଦି ନିଜ ଛାତିରେ ''ମୁଁ ବିକ୍ରିପାଇଁ ନୁହେଁ'' ବୋଲି ସୂଚନା ଫଳକ ମାରି, ଛାତି ଫୁଲାଇ ଚାଲିବେ, ତାହା ହେବ ଏହି ସହିଦ ଦିବସରେ ଗାନ୍ଧୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।